**ଅଶୋକ କୁମାର**

**ବନାମ**

**ଦିଲ୍ଲୀ ର ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ଅନ୍ୟମାନେ**

*ଜୁନ୍ 12,2007*

[ଡକ୍ଟର ଅରିଜିତ ପାଶାୟତ ଏବଂ ପି. ପି. ନାଓଲେକର, ନ୍ୟାୟମୂର୍ତ୍ତିବୃନ୍ଦ]

*ସାକ୍ଷ୍ୟ ଅଧିନିୟମ, 1872:*

*ଧାରା 113 B-ଅନୁଯାୟୀ ଥିବା ଅନୁମାନ ଏହିକି ଯେ  ବିବାହର 7 ବର୍ଷ ମଧ୍ୟରେ ଘଟିଥିବା ମୃତ୍ୟୁ - ତଥ୍ୟ ଉପରେ, ପତ୍ନୀଙ୍କ ମୃତ୍ୟୁର 10 ବର୍ଷରୁ ଅଧିକ ସମୟ ପୂର୍ବରୁ ବିବାହ ଅନୁଷ୍ଠିତ ହୋଇଥିଲା ---ତେଣୁ, ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ପୋଷଣୀୟ  ନୁହେଁ- ଦଣ୍ଡ ସଂହିତା, 1860- ଧାରା 304-B ଏବଂ 498-A  ।*

**ବର୍ତ୍ତମାନର ଆବେଦନ ଅଭିଯୁକ୍ତ ସ୍ୱାମୀଙ୍କ ଦ୍ୱାରା ଧାରା 498-A ଏବଂ 304 B ଅନୁଯାୟୀ ଦୋଷୀ ସାବ୍ୟସ୍ତିକରଣକୁ ବଜାୟ ରଖୁଥିବା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ କରାଯାଇଛି ।**

**ଆବେଦନକୁ ଅନୁମତି ଦେଇ ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ :**

**ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତିକରଣକୁ ବଜାୟ ରଖାଯାଇପାରିବ ନାହିଁ । ଅଭିଯୋଗର  ଯଥାର୍ଥତାକୁ ପ୍ରତିପାଦନ କରିବା ପାଇଁ ପ୍ରମାଣ ଯଥେଷ୍ଟ ନ ଥିବାରୁ ସହ ଅପରାଧୀମାନଙ୍କୁ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ କରାଗଲା । କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଥିଲା ତାହା ଦର୍ଶାଇବା ପାଇଁ ଅଭିଯୁକ୍ତ-ଆବେଦନକାରୀଙ୍କ ଉପରେ ଅତିରିକ୍ତ ଦାୟିତ୍ୱ  ରଖାଯାଇଛି । ଏହିପରି ପ୍ରସଙ୍ଗରେ ଅନୁମାନ ଏହିକି ଯେ ବିବାହର ସାତ ବର୍ଷ ମଧ୍ୟରେ ମୃତ୍ୟୁ ଘଟିଛି । ସ୍ୱୀକାରଯୋଗ୍ୟ ଯେ , ବର୍ତ୍ତମାନର ମାମଲାରେ ବିବାହ ଘଟଣା ଘଟିବା ତାରିଖର 10 ବର୍ଷରୁ ଅଧିକ ସମୟ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ସେହି ସ୍ଥିତି ହେତୁ, ଉଚ୍ଚ ନ୍ୟାୟାଳୟ ର ଆଦେଶ ପୋଷଣୀୟ ନୁହେଁ ଏବଂ ଏହାକୁ ରଦ୍ଦ କରିଦିଆଗଲା । ଆବେଦନକାରୀଙ୍କର  ଦୋଷ ମୁକ୍ତି ହେବାର ହକଦାର୍ ଅଟନ୍ତି ।**

ଫୌଜଦାରୀ  ଆବେଦନ ଅଧିକରିତା :  ଫୌଜଦାରୀ ଆବେଦନ ସଂଖ୍ୟା 552/2002 ।

ଫୌଜଦାରୀ ଆବେଦନ ସଂଖ୍ୟା 414/1997 ରେ ନୂଆଦିଲ୍ଲୀ ସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 15.10.2001 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ  ଅନୁ ମୋହଲା ।

ଉତ୍ତରଦାତାଙ୍କ ତରଫରୁ ଅଶୋକ ଭାନ୍, ଏସ୍. ୱାସିମ ଏ. କାଦ୍ରୀ ଏବଂ ଡି. ଏସ୍. ମାହରା  ।

ନ୍ୟାୟାଳୟର ରାୟ **ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ଵାରା ପ୍ରଦାନ କରାଗଲା ।

ଉତ୍ତରଦାତା-ରାଜ୍ୟ ପାଇଁ ବିଦ୍ଵାନ ଅଧିବକ୍ତାଙ୍କୁ ଶୁଣିବା ପରେ, ଆମେ ଦେଖୁ ଯେ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତିକରଣକୁ ବଜାୟ ରଖାଯାଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଅଭିଯୋଗର ଯଥାର୍ଥତାକୁ ପ୍ରତିପାଦନ କରିବା ପାଇଁ ପ୍ରମାଣ ଯଥେଷ୍ଟ ନ ଥିବାରୁ ସହ ଅପରାଧୀମାନଙ୍କୁ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ କରାଗଲେ । କେଉଁ ପରିସ୍ଥିତିରେ ମୃତ୍ୟୁ ଘଟିଥିଲା ତାହା ଦର୍ଶାଇବା ପାଇଁ ଅଭିଯୁକ୍ତ-ଆବେଦନକାରୀଙ୍କ ଉପରେ ଅତିରିକ୍ତ ଦାୟିତ୍ୱ ରଖାଯାଇଛି । ଏହିପରି ପ୍ରସଙ୍ଗରେ ଅନୁମାନ ଏହିକି ଯେ ବିବାହର ସାତ ବର୍ଷ ମଧ୍ୟରେ ମୃତ୍ୟୁ ଘଟିଛି । ସ୍ଵୀକାରଯୋଗ୍ୟ ଯେ , ବର୍ତ୍ତମାନର ମାମଲାରେ ବିବାହ ଘଟଣା ଘଟିବା ତାରିଖର 10 ବର୍ଷରୁ ଅଧିକ ସମୟ ପୂର୍ବରୁ ଅନୁଷ୍ଠିତ ହୋଇଥିଲା । ସେହି ସ୍ଥିତି ହେତୁ, ଉଚ୍ଚ ନ୍ୟାୟାଳୟ ର ଆଦେଶ ପୋଷଣୀୟ ନୁହେଁ ଏବଂ ଏହାକୁ ରଦ୍ଦ କରିଦିଆଗଲା । ଆବେଦନକାରୀଙ୍କର ଦୋଷ ମୁକ୍ତି ହେବାର ହକଦାର୍ ଅଟନ୍ତି । ତାରିଖ 15.07.2002 ର ଆଦେଶ ଅନୁଯାୟୀ ଜାମିନ ଉଦ୍ଦେଶ୍ୟରେ ନିଷ୍ପାଦିତ ଅଭିଯୁକ୍ତଙ୍କ ଜାମିନ ନାମା  ବିମୁକ୍ତ  ହେବ ।

ଆବେଦନକୁ ଅନୁମତି ଦିଆଗଲା ।

ଡି. ଜି.                                                    ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।